# ଗଣିତ ଖେଳ

## ଦ୍ୱିତୀୟ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ଗଣିତ ଖେଳ

## ଦ୍ୱିତୀୟ ଶ୍ରେଣୀ


(ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

(ପରୀକ୍ଷାମୂଳକ ସଂସ୍କରଣ)

ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ





ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ,
ଓଡ଼ିଶା, ଭୁବନେଶ୍ୱର

PP - 18

# ଗଣିତ ଖେଳ

## ଦ୍ୱିତୀୟ ଶ୍ରେଣୀ

(ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

**(ପରୀକ୍ଷାମୂଳକ ସଂସ୍କରଣ)**

ଲେଖକ ମଣ୍ଡଳୀ :

ଶ୍ରୀ ତାପସ କୁମାର ନାୟକ

ଶ୍ରୀ ଚତୁର୍ଭୁଜ ପ୍ରଧାନ

ଶ୍ରୀ ଅଞ୍ଜନ କୁମାର ସାହୁ

ସମୀକ୍ଷକ ମଣ୍ଡଳୀ :

ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର

ଶ୍ରୀ ଚତୁର୍ଭୁଜ ପ୍ରଧାନ

ସଂଯୋଜନା :

ଶ୍ରୀ ପରମାନନ୍ଦ ଦାସ

ଶ୍ରୀମତୀ ପୁଷ୍ପାରାଣୀ ପ୍ରହରାଜ

ପ୍ରକାଶକ :

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଭୁବନେଶ୍ୱର

ଓଡ଼ିଶା ସରକାର

ପ୍ରଥମ ମୁଦ୍ରଣ ବର୍ଷ : ୨୦୧୦

2011


ପ୍ରସ୍ତୁତି :

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ

ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ

ଓଡ଼ିଶା, ଭୁବନେଶ୍ୱର






ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁଯେଉଁ ଭେଟି ଦେଉଅଛି ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧୀ

# ଆମ ଜାତୀୟ ସଙ୍ଗୀତ

''ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।''

# ସୂଚୀପତ୍ର


| କ୍ର.ନଂ. | ପାଠର ନାମ | ପୃଷ୍ଠା |
|---|---|---|
| ୧. | ଚିତ୍ରକୁ ଚିହ୍ନିବା  | ୧ |
| ୨. |  ସିଧା ଗାର ଟାଣିବା | ୯ |
| ୩. | ଗଡ଼େଇବା - ଘୋଷାଡ଼ିବା  | ୧୭ |
| ୪. |  ଦଳ ଦଳ କରି ଗଣିବା | ୨୪ |
| ୫. | ସାନ ବଡ଼ ସଂଖ୍ୟା ଚିହ୍ନିବା  | ୩୭ |
| ୬. |  କାହା ସ୍ଥାନ କେଉଁଠି ଜାଣିବା | ୪୩ |
| ୭. | ମିଶାଣ କରିବା  | ୪୯ |
| ୮. |  ଫେଡ଼ାଣ କରିବା | ୬୪ |

| କ୍ର.ନଂ | ପାଠର ନାମ | ପୃଷ୍ଠା |
|---|---|---|
| ୯. | ଶୂନ ଯୋଡ଼ିବା ଓ ଫେଡ଼ିବା | ୭୪ |
| ୧୦. | ମିଶାଇବା ବଦଳରେ ଗୁଣିବା | ୮୪ |
| ୧୧. | ସମାନ ଭାଗରେ ବାଣ୍ଟିବା | ୯୫ |
| ୧୨. | ଟଙ୍କା ପଇସା ଦିଆନିଆ କରିବା | ୧୦୨ |
| ୧୩. | ଲମ୍ବ କେତେ ଜାଣିବା | ୧୦୯ |
| ୧୪. | କିଏ ଭାରୀ କିଏ ହାଲୁକା ଜାଣିବା | ୧୧୩ |
| ୧୫. | ପାତ୍ର ନେଇ ପାଣି ମାପିବା | ୧୨୦ |
| ୧୬. | ବାରମାସର ନାମ ଜାଣିବା | ୧୨୪ |
| ୧୭. | ସାଜସଜା କରିବା | ୧୩୪ |






















ପାଠ-୧

# ଚିତ୍ରକୁ ଚିହ୍ନିବା

ହାତୀ, ହରିଣ, କୁକୁଡ଼ା ଓ ମାଙ୍କଡ଼ ସାଙ୍ଗ ହୋଇ ବଣରେ ରହୁଥିଲେ। ନଈ ସେପଟ ଫଳ ବଗିଚାରେ ଥିବା ଛନଛନିଆ ଘାସ ଓ ସୁଆଦିଆ ଫଳ ଖାଇବାକୁ ମନ କଲେ ସେମାନେ। ନଈ ପାରି ହୋଇ ଚାଲିଲେ ବଗିଚାକୁ। ବଗିଚାରେ ମିଳିମିଶି ଫଳ ଖାଇଲେ। ସଭିଏଁ ଖୁସ୍।



- କେଉଁ ପଶୁ କେଉଁ ବାଟେ ଯାଇଛି, ଉପର ଚିତ୍ରରୁ କହିପାରିବ କି ?

  କାହାର ପାଦ ଚିହ୍ନ କେଉଁଟି ? ତୁମ ସାଙ୍ଗକୁ କହ।

- ଚଟାଣରେ ତୁମ ସାଙ୍ଗର ପାଦ ଚିହ୍ନ ତିଆରି କର। ଏହା ତୁମର ପାଦଚିହ୍ନ ଠାରୁ ଅଲଗା କି ?


## ଆସ ଆଙ୍କିବା :




- ଗୋଟିଏ ପତ୍ର ନିଅ ।
- ପତ୍ରଟିକୁ ଧଳା କାଗଜ ଉପରେ ଥୋଇ, ତା' ଚାରି ପାଖ ଧାରରେ ପେନ୍‌ସିଲ୍‌ରେ ଗାର ଟାଣ । ପତ୍ରଟିକୁ ଉଠାଇ ନିଅ ।
- ଏବେ ତୁମ ସାଙ୍ଗକୁ ପଚାର, ଏହା କେଉଁ ଗଛର ପତ୍ର ?
- ଏହିପରି ତୁମେ ବିଭିନ୍ନ ପ୍ରକାରର ପତ୍ର ନେଇ ଭିନ୍ନ ଭିନ୍ନ ଆକୃତିର ଚିତ୍ର ପାଇବ । ତଳେ ଦିଆଯାଇଥିବା ଖାଲି ସ୍ଥାନରେ ବିଭିନ୍ନ ଗଛର ପତ୍ର ଥୋଇ ଆକୃତି ତିଆରି କର । ପ୍ରତ୍ୟେକ ଆକୃତି ତଳେ କେଉଁ ଗଛର ପତ୍ର ଲେଖ ।
- ଆସ, ଆଉ କେତୋଟି ଜିନିଷର ଚିତ୍ର ତିଆରି କରିବା -
  ଦିଆସିଲି ଖୋଳ, ସ୍କେଲ୍, ଲୁଡୁଗୋଟି, ବୋତଲ ଠିପି, ଏକ ଟଙ୍କିଆ ଓ ପାଞ୍ଚ ଟଙ୍କିଆ ମୁଦ୍ରା ସଂଗ୍ରହ କର ।
  ପ୍ରତ୍ୟେକ ଜିନିଷକୁ ଥୋଇ ତା' ଧାରରେ ଗାର ଟାଣି ଚିତ୍ର ତିଆରି କର ।

ତୁମେ ଯେଉଁସବୁ ଚିତ୍ର ତିଆରି କରିଛ ସେଗୁଡ଼ିକର ଆକୃତିକୁ ଦେଖ । ତଳେ ଦିଆଯାଇଥିବା ଆକୃତି ଭଳି ସେଗୁଡ଼ିକ ଦେଖାଯାଉଛି କି ?


ତୁମେ ତିଆରି କରିଥିବା କେଉଁ କେଉଁ ଜିନିଷର ଆକୃତି ସହ ତଳେ ଦିଆଯାଇଥିବା ଆକୃତି ସମାନ ହେଉଛି ଲକ୍ଷ୍ୟକର ।



କେଉଁ କେଉଁ ଜିନିଷକୁ ଥୋଇ ତା'ର ଧାରରେ ଗାର ଟାଣିଲେ ତୁମେ ନିମ୍ନ ଆକୃତିଗୁଡ଼ିକ ପାଇବ, ସେହି ଆକୃତି ତଳେ ଲେଖ ।



- ସମାନ ଆକୃତି ବିଶିଷ୍ଟ ଚିତ୍ରଗୁଡ଼ିକରେ ଗୋଟିଏ ପ୍ରକାର ରଙ୍ଗ ଦିଅ ।




- କେଉଁ ଆକୃତିରେ ବଙ୍କା ଗାର ଅଛି, ତା'ଉପରେ (✓) ଚିହ୍ନ ଦିଅ ।
- ଯେଉଁ ଆକୃତିଗୁଡ଼ିକ ସିଧା ଗାରରେ ତିଆରି ସେଥିରେ (×) ଚିହ୍ନ ଦିଅ ।
- କେତୋଟି ଆକୃତିରେ ତିନୋଟି ସିଧା ଗାର ଅଛି ?
- କେତୋଟି ଆକୃତି ୪ଟି ସିଧାଗାରରେ ତିଆରି ?

**ଶିକ୍ଷକଙ୍କ ପାଇଁ ସୂଚନା :** ଉପର ଆକୃତିଗୁଡ଼ିକରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ପିଲାମାନଙ୍କ ସହ ଆଲୋଚନା କରିବେ । ଯଥା - ବଙ୍କା ଗାରରେ ତିଆରି, ସିଧା ଗାରରେ ତିଆରି, କେଉଁଥିରେ କେତୋଟି ସିଧାଗାର ଅଛି ଇତ୍ୟାଦି ।

## ସୀମାର କାଗଜ କଟା

ସୀମା କାଗଜ କାଟି △, □, ▭, ○, ⬭ ଆକୃତି ସବୁ ତିଆରି କଲା । ପ୍ରତ୍ୟେକ ପ୍ରକାରର ଆକୃତିରୁ ଅନେକଗୁଡ଼ିଏ ତିଆରି କରି ସେଗୁଡ଼ିକୁ ଯୋଡ଼ି ଚିତ୍ର ତିଆରି କଲା । ସେଗୁଡ଼ିକୁ ଦେଖ ।




(କ) (ଖ) (ଗ) (ଘ) (ଙ) (ଚ)

- ଚିତ୍ର ଦେଖି କେଉଁ ଆକୃତିରୁ କେତୋଟି ଲେଖାଏଁ ଅଛି ଲେଖ ।


| ଚିତ୍ରସଂଖ୍ୟା | △ | ○ | ▭ | ⬭ |
|---|---|---|---|---|
| କ | | | | |
| ଖ | | | | |
| ଗ | | | | |
| ଘ | | | | |
| ଙ | | | | |
| ଚ | | | | |

# ଅଭ୍ୟାସ କାର୍ଯ୍ୟ


୧. ସମାନ ସମାନ ଆକୃତିକୁ ଗାର ଟାଣି ଯୋଡ଼ ।



୨.



ଉପର ଚିତ୍ରରେ କେଉଁ ଆକୃତିର କେତୋଟି ଅଛି ଗଣି ଲେଖ ।

 ..............ଟି  ..............ଟି

 ..............ଟି  ..............ଟି



ଉପର ଚିତ୍ରଭଳି ଚିତ୍ରଟିଏ ଖାତାରେ ତିଆରି କର ।

୩.







ଉପର ଆକୃତିଗୁଡ଼ିକୁ ତଳେ ଥିବା ଖାଲି ଜାଗାରେ କର ।


୪.  କେଉଁ କେଉଁ ଜିନିଷ ନେଇ ତଳ ଆକୃତିଗୁଡ଼ିକ ତିଆରି କରି ପାରିବ।

| ଆକୃତି | ଜିନିଷର ନାମ |
|---|---|
|  | |
|  | |
|  | |
|  | |

୫.  ବିଦ୍ୟାଳୟରେ ଓ ବିଦ୍ୟାଳୟ ବାହାରେ କେଉଁ କେଉଁ ଜିନିଷରେ ତଳ ଆକୃତିଗୁଡ଼ିକ ଥିବାର ଦେଖିଛ ?


| ଆକୃତି | ଜିନିଷର ନାମ |
|---|---|
|  | |
|  | |
|  | |
|  | |

୬. ସମାନ ଆକୃତିଗୁଡ଼ିକୁ ଯୋଡ଼ ।




୭. △, ▭, ○ ଓ ⬭ ଆକୃତି ବ୍ୟବହାର କରି ଉପରେ ଦିଆଯାଇଥିବା ଭଳି ଆଉ କେତୋଟି ଚିତ୍ର ତିଆରି କର ।

୮. △ ଆକୃତିକୁ ସବୁଜ ରଙ୍ଗ, ⬭ ଆକୃତିକୁ ଲାଲ ରଙ୍ଗ ଓ ▭ ଆକୃତିକୁ ହଳଦିଆ ରଙ୍ଗ ଦିଅ ।



୯.



(କ) ମାଙ୍କଡ଼ ମୁହଁରେ ▬ ଆକୃତିର ଚଷମା ଲଗାଅ ।

(ଖ) ବାଘ ଚିତ୍ରରେ ⧓ ଆକୃତିର ନିଶ ତିଆରି କର ।

(ଗ) ଝିଅଟିର ଚିତ୍ରରେ ● ଆକୃତିର ଟିକିଲି ଓ କାନରେ ପିନ୍ଧିବା ପାଇଁ କାନଫୁଲ ତିଆରି କର ।

(ଘ) ପୁଅଟିର ଚିତ୍ରରେ ■ ଆକୃତିର ମୁହଁ ତିଆରି କର ।